# ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ସିନାପାଲି , ନୂଆପଡା

**ବିଜ୍ଞାପନ ସଂଖ୍ୟା. ୪୫୨ / ତାରିଖ. ୨୫.୦୩.୨୦୨୬**

ଏତଦ୍ୱାରା ନିମ୍ନୋକ୍ତ ଅଙ୍ଗନୱାଡି କେନ୍ଦ୍ରପରିସରଭୁକ୍ତ (ServiceArea) ଅଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉକ୍ତ ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ (Anganwadi Worker) ପଦବୀ ଖାଲି ଅଛି ଏବଂ ଏହି ପଦବୀରେ ନିଯୁକ୍ତି ନିମନ୍ତେ ଓଡିଶା ସରକାର ମହିଳା ଓ ଶିଶୁ ବିକାଶ ବିଭାଗଙ୍କ ପରିବର୍ତ୍ତିତ ଦିଶା ନିର୍ଦ୍ଦେଶାବଳୀ (Revised Guidelines) ସଂଖ୍ୟା ୪୯୭୦, ତାରିଖ ୧୫.୦୩.୨୦୨୩ ମୁତାବକ ନିମ୍ନଲିଖିତ ଯୋଗ୍ୟତା ଓ ସର୍ତ୍ତାବଳିଥାଇ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ପରିସରଭୁକ୍ତ ଅଞ୍ଚଳର ମହିଳାଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି I ପାର୍ଥୀମାନେ website https://engagement-awc.odisha.gov.in କୁ login କରି ଏହି ପଦବୀ ପାଇଁ ତା: **୩୧.୦୩.୨୦୨୬** ରିଖ ଠାରୁ ତା: **୧୪.୦୪.୨୦୨୬** ରିଖ ମଧ୍ୟରେ ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦାଖଲ କରିପାରିବେ । ଦରଖାସ୍ତ ଗ୍ରହଣର ଶେଷ ତା: **୧୪.୦୪.୨୦୨୬** ରିଖ । ନିର୍ଦ୍ଧାରିତ ସମୟ ପରେ କରାଯାଇଥିବା କିମ୍ବା ଅସମ୍ପୂର୍ଣ୍ଣ ଆବେଦନ ପତ୍ର ଗୁଡିକୁ ବିଚାରକୁ ନିଆଯିବ ନାହିଁ I ପ୍ରାର୍ଥିନୀ ଚୟନରେ ଓଡିଶା ସଂରକ୍ଷଣ ଆଇନ (ORV Act) / (For SC & ST- 1975) ଏବଂ Employment exchange compulsory Notification of vacancies act 1959 ଲାଗୁ ହେବ ନାହିଁ ।

**ଅଙ୍ଗନୱାଡି କର୍ମୀ ପଦବୀ ଖାଲି ଥିବା ଅଙ୍ଗନୱାଡି କେନ୍ଦ୍ର ପରିସରଭୁକ୍ତ ଅଞ୍ଚଳର ବିବରଣୀ:-**

| କ୍ରମିକ ସଂଖ୍ୟା | ଖାଲି ପଡିଥିବା ଅଙ୍ଗନୱାଡି କେନ୍ଦ୍ରର ନାମ | ଗ୍ରାମ ପଞ୍ଚାୟତ | ସର୍ଭେ ରେଜିଷ୍ଟର ଅନୁସାରେ ସେବାଞ୍ଚଳ ର ଘର ନଂ ଓ ନାମ | ମନ୍ତବ୍ୟ |
|---|---|---|---|---|
| ୧ | ବରପଦର | ଭରୁଆମୁଣ୍ଡା | ଘର ନଂ- ୧. ରିଖିରାମ ମଣ୍ଡାଙ୍କ ଠାରୁ, ଘର ନଂ- ୧୭୬ ବୈକୁଣ୍ଠ ଛତ୍ରିଆଙ୍କ ଘର ପର୍ଯ୍ୟନ୍ତ । | |

ଯୋଗ୍ୟତା :

(୧) ପାର୍ଥିନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ପରିସରଭୁକ୍ତ ଅଞ୍ଚଳ (Service Area)ର ବାସିନ୍ଦା ହୋଇଥିବେ ।

(୨) ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ +୨ ଉତ୍ତିର୍ଣ ହୋଇଥିବେ ଓ ଓଡିଆ ଭାଷାରେ ଲେଖି ପଢି ଜାଣିଥିବେ I

(୩) ପାର୍ଥୀନୀ ଙ୍କ ବୟସ ତା ୦୧.୦୧.୨୦୨୬ ରିଖକୁ ୧୮ ରୁ ୩୫ ବର୍ଷ ମଧ୍ୟରେ ହୋଇଥିବ I

(୪) ଆବେଦନ କାରିଣୀମାନେ ମହିଳା ପ୍ରାର୍ଥିନୀ ହୋଇଥିବେ I

(୫) ପ୍ରାର୍ଥିନୀମାନେ+୨ ପରୀକ୍ଷାରେ ରଖିଥିବା ନମ୍ବରର ଶତକଡା ମନୋନୟନର ମୂଳ ଆଧାର ହେବ ଏବଂ ଏଥି ସହିତ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ପ୍ରାର୍ଥିନୀମାନଙ୍କ ଅତିରିକ୍ତ ମାର୍କ ଯୋଗ କରାଯିବ, ଯାହାର ତଥ୍ୟ ନିମ୍ନରେ ପ୍ରଦାନ କରାଗଲା:-

(୬) ପାର୍ଥିନୀ ଓଡିଆ ଭାଷାରେ ଲେଖିବା, ପଢିବା ଏବଂ କହିବାକୁ ସକ୍ଷମ ଥିବେ ଏବଂ ଏଥି ସହିତ:-

(କ) ପାର୍ଥିନୀ ଓଡିଆ ବିଷୟ ଥାଇ ମାଧ୍ୟମିକ ସ୍କୁଲ ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହେଇଥିବେ; ବା

(ଖ) ପାର୍ଥିନୀ High School Certificate ବା ତତ ସମାନ ପରୀକ୍ଷାରେ ଓଡିଆ ଭାଷାରେ Non-Language ବିଷୟ ଗୁଡିକରେ ପରୀକ୍ଷା ଦେଇଥିବେ ।

(ଗ) ଓଡିଶା/କେନ୍ଦ୍ର ସରକାର ସ୍ୱିକୃତୀ ପ୍ରାପ୍ତ କୋଣସି ବିଦ୍ୟାଳୟ ବା ଶିକ୍ଷାନୁଷ୍ଠାନରୁ ସପ୍ତମ ଶ୍ରେଣୀର ଚୂଡାନ୍ତ ପରୀକ୍ଷାରେ ଓଡିଆ ବିଷୟ ଥାଇ ପାସ କରିଥିବେ ବା;

(ଘ) ଓଡିଶା ସରକାରଙ୍କର ବିଦ୍ୟାଳୟ ଏବଂ ଗଣଶିକ୍ଷ୍ୟ ବିଭାଗ ଦ୍ୱାରା ପରିଚାଳିତ ମାଧ୍ୟମିକ ଇଂରାଜି ବିଦ୍ୟାଳୟ ମାନଦଣ୍ଡ ଅନୁଯାୟୀ ଓଡିଆ ଭାଷାର ଏକ ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହେଇଥିବେ ।

(୭) ସରକାରଙ୍କ ନୂତନ ମାର୍ଗ ଦର୍ଶିକା ଯାହାକି ପତ୍ର ସଂଖ୍ୟା. ୪୫୯୭ ତା: ୨୩.୦୨.୨୦୨୬ରିଖ, ଓଡିଶା ସରକାର ମହିଳା ଓ ଶିଶୁ ବିକାଶ ବିଭାଗଙ୍କ ଅନୁଯାୟୀ ଚୟନ ସମୟରେ ଅଙ୍ଗନୱାଡି କର୍ମୀ ଚୟନ ପାଇଁ ବିଚାରକୁ ନିଆଯିବ ।

| Sl No | Category | Additional Point/Mark |
|---|---|---|
| 1 | Scheduled Tribe/ Scheduled Caste | 10 |
| 2 | Widow | 10 |
| 3 | Orphan girl(not having biological or legal parents) | 10 |
| 4 | Physically Handicapped Women having UDID Certificate (more than 40% handicapped be taken as physically handicapped) | 5 |
| 5 | Destitute/Divorcee/Deserted Women | 5 |
| 6 | If the candidate has cleared examination of a higher qualification | 5 |
| 7 | If the candidate has worked as an ECCE Worker under Samagra Shiksha/NPEGEL, in the past | 5 points per year of service vendered with a ceiling of 15 points |
| 8 | If the candidate has worked as a Balwadi Worker in the Balwadi Centre of the village, in the past | 5 points per year of service vendered with a ceiling of 15 points |

ସର୍ତ୍ତାବଳୀ :

(୧) ଅଙ୍ଗନୱାଡି କର୍ମୀ ଜଣେ ସ୍ୱେଚ୍ଛାସେବିକା Volunteer ସ୍ୱଳ୍ପ ପାରିଶ୍ରମିକ ବର୍ତ୍ତମାନ ମାସିକ ଟ.୧୦,୦୦୦ ଙ୍କା (ଦଶ ହଜାର ଟଙ୍କା) ମାତ୍ର ପାଇଁ ୱାର୍ଡ/ ଗ୍ରାମ ବସ୍ତି ବାସିନ୍ଦାଙ୍କ ସହଯୋଗକ୍ରମେ/ହରିଜନ ଆଦିବାସୀ ତଥା ସମାଜର ପଛୁଆ ବର୍ଗର ଶିଶୁ ଓ ମହିଳା ମାନଙ୍କର ସେବା କରିବାକୁ ଅଙ୍ଗୀକାର ବଦ୍ଧ ଥିବେ ।

(୨) ଏଥିରେ ଯେଉଁ ନିୟୋଜନ Engagement ଦିଆଯିବ ତାହା ସମ୍ପୂର୍ଣ୍ଣ ଅସ୍ଥାୟୀ । କୌଣସି ଦରମା ବ୍ୟବସ୍ଥା ଥାଇ ସରକାରୀ କିମ୍ବା ବେସରକାରୀ କର୍ମୀ ନିଯୁକ୍ତି ପରିସରଭୁକ୍ତ ନୁହେଁ । ଏହି ନିଯୁକ୍ତିକୁ ଭବିଷ୍ୟତରେ କୌଣସି ସ୍ଥାୟୀ କର୍ମ ନିୟୋଜନ ଦାବି କରିପାରିବେ ନାହିଁ ଏବଂ ଯେ କୌଣସି ସମୟରେ ବିନା ନୋଟିସରେ ବହିଷ୍କାର କରାଯାଇପାରିବ ।

(୩) ପ୍ରାର୍ଥିନୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉକ୍ତ କାର୍ଯ୍ୟାଳୟ ଦ୍ୱାରା ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡିକୁ ତା. **୧୫.୦୪.୨୦୨୬** ରିଖ ପୂର୍ବାହ୍ନ ୧୦ ଘଟିକା ଠାରୁ ଅପରାହ୍ନ ୫ ଘଟିକା ମଧ୍ୟରେ ଉକ୍ତ କାର୍ଯ୍ୟାଳୟରେ ଯାଞ୍ଚ କରାଯିବ । ପ୍ରାର୍ଥିନୀମାନେ ନିଜେ ଉପସ୍ଥିତ ରହି ନିଜର ସମସ୍ତ ମୂଳ ପ୍ରମାଣପତ୍ର ଯାଞ୍ଚ କରାଇବେ । ପ୍ରାର୍ଥିନୀମାନେ ନିଜନିଜର Original Documents ଯଥା ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ପାସପୋର୍ଟ ସାଇଜ କଳର ଫଟୋ, ଭୋଟ ପରିଚୟ ପତ୍ର, ଆଧାରକାର୍ଡ ଓ ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଏବଂ ଯଦି କେହି ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଅନାଥ, ବିଧବା, ଛାଡପତ୍ର, ସ୍ୱାମୀ ପରିତ୍ୟକ୍ତା, ଭିନ୍ନକ୍ଷମ ଥିବେ ତେବେ ତାହାର ଉପରୁକ୍ତ ପ୍ରମାଣପତ୍ର ସାଙ୍ଗରେ ନେଇଆସିବେ । ଅନୁପସ୍ଥିତ ରହିଲେ/ ମୂଳ ପ୍ରମାଣ ପତ୍ର ଦାଖଲ ନକରି ପାରିଲେ ଆବେଦନ ପତ୍ରକୁ ନାକଚ କରିଦିଆଯିବ ।

(୪) ସମସ୍ତ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ପ୍ରାର୍ଥିନୀମାନଙ୍କର ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ଜାତି ପ୍ରମାଣ ପତ୍ର ଏବଂ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ବିରୁଦ୍ଧରେ ଯଦି କାହାର କୌଣସି ଆପତ୍ତି ଅଭିଯୋଗ ଥାଏ ତେବେ ତା. **୧୬.୦୪.୨୦୨୬** ରିଖ ଠାରୁ ତା. **୨୨.୦୪.୨୦୨୬** ରିଖ ମଧ୍ୟରେ ପ୍ରାର୍ଥୀମାନେ website https://engagement-awc.odisha.gov.in କୁ login କରି ଅନଲାଇନ (Online) ଅଭିଯୋଗ ରେ ଦାଖଲ କରିବାକୁ ଅନୁରୋଧ I ଧାର୍ଯ୍ୟ ତାରିଖ ପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ I

(ଚ) (WCD Department Letter No. 19045 / Date. 28.08.2024) ଅନୁଯାଇ ଯଦି ସମ୍ପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ର ପରିସର ମଧ୍ୟରେ ଉପଯୁକ୍ତ ପ୍ରାର୍ଥିନୀ ନମିଳନ୍ତି ତେବେ ସମ୍ପୃକ୍ତ ଗ୍ରାମ (କେନ୍ଦ୍ର ପରିସର ବାହାରେ) ଗ୍ରାମ ପଞ୍ଚାୟତରେ ଥିବା ଯୋଗ୍ୟ ପ୍ରାର୍ଥିନୀଙ୍କୁ ଦିଆଯିବ ।

**ଦରଖାସ୍ତ ଯାଞ୍ଚ କରାଯିବା ଦିନପ୍ରାର୍ଥିନିମାନେ ଦରଖାସ୍ତ ସହିତ ସ୍ୱ ଆଟେଷ୍ଟେଡ ହୋଇଥିବା ନିମ୍ନଲିଖିତ ପ୍ରମାଣ ପତ୍ରର ଗୋଟିଏ ଲେଖାଏ Xerox Copy ଉକ୍ତ କାର୍ଯ୍ୟାଳୟ ରେଦାଖଲ କରିବେ I**

୧. ଏକ ଗୋଟି ପାସପୋର୍ଟ ସାଇଜ୍ ରଙ୍ଗିନ ଫଟୋଗ୍ରାଫ ।

୨. ମ୍ୟାଟ୍ରିକ,+୨ ଓ ତଦୁର୍ଦ୍ଧଶିକ୍ଷାଗତ ଯୋଗ୍ୟତାର ସାର୍ଟିଫିକେଟ୍ ଏବଂ ମାର୍କ ସିଟ I (+୨ପରୀକ୍ଷାରେ ରଖିଥିବା ନମ୍ବରର ଶତକଡା ମନୋନୟନର ମୂଳଆଧାର ହେବ) I

୩. ତହସିଲଦାରଙ୍କ ଠାରୁ ସଦ୍ୟ ବାସିନ୍ଦା ପ୍ରମାଣପତ୍ର (୬ମାସ ମଧ୍ୟରେ ହୋଇଥିବା ଆବଶ୍ୟକ I ବିବାହିତ/ବିଧବା ପ୍ରାର୍ଥିନୀ ହୋଇଥିଲେ ସ୍ୱାମୀଙ୍କ ନାମ ଥାଇ ବାସିନ୍ଦା ପ୍ରମାଣପତ୍ର ହେବା ଆବଶ୍ୟକ) .

୪. ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ହୋଇଥିଲେ କିମ୍ବା ଅନ୍ୟାନ୍ୟ ପଛୁଆ ବର୍ଗ ତହସିଲଦାରଙ୍କ ଠାରୁ ପ୍ରମାଣପତ୍ର I

୫. ବିଧବା ହୋଇଥିଲେ ସ୍ୱାମୀଙ୍କ ମୃତ୍ୟୁର ପ୍ରମାଣପତ୍ର I

୬. ଅନାଥ orphan ହୋଇଥିଲେ ତାର ବିଧିବଦ୍ଧ ପ୍ରମାଣପତ୍ର ।

୭. ଭିନ୍ନକ୍ଷମ ୪୦% ରୁ ଉର୍ଦ୍ଧ ହୋଇଥିଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (CDMO) ଙ୍କ ଠାରୁ ପ୍ରମାଣପତ୍ର I

୮. ନିସ୍ୱ ପରିତ୍ୟକ୍ତା (Destitute) ହୋଇଥିଲେ ସମ୍ପୃକ୍ତ ଅଧିକାରୀଙ୍କ ବିଧିବଦ୍ଧ ପ୍ରମାଣପତ୍ର I

୯. ସ୍ୱାମୀ ପରିତ୍ୟକ୍ତା ହୋଇଥିଲେ କୋର୍ଟ ରୁ ଡିଗ୍ରୀ ର ପ୍ରମାଣପତ୍ର I

୧୦. ସର୍ବ ଶିକ୍ଷା ଅଭିଯାନ NPEGEL/ଅଧୀନରେ ECCE କର୍ମୀ ହୋଇଥିଲେ ଉଦ୍ଦିଷ୍ଟ ଅଧିକାରୀ ଙ୍କ ଠାରୁ ଉପଯୁକ୍ତ ଅଭିଜ୍ଞତା ପ୍ରମାଣପତ୍ର I

୧୧. ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ଅଞ୍ଚଳର ବାସିନ୍ଦାର ପ୍ରମାଣ ସ୍ୱରୂପ ସତ୍ୟପାଠ Affidavit ଦାଖଲ କରିବ I ଏହା ମିଥ୍ୟା ପ୍ରମାଣିତ ହେଲେ,କାର୍ଯ୍ୟରୁ ବହିଷ୍କାର କରାଯିବ ସହିତ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ I

ବି.ଦ୍ର.: କୌଣସି ଅସ୍ୱାଭାବିକ ପରିସ୍ଥିତି ଉପୁଜିଲେ ଉକ୍ତ ବିଜ୍ଞାପନକୁ ଏବଂ ଗ୍ରହଣ କରାଯାଇଥିବା ସମସ୍ତ ଦରଖାସ୍ତକୁ କୌଣସି କାରଣ ନଦର୍ଶାଇ ନାକଚ କରିବାର କ୍ଷମତା ସମ୍ପୃକ୍ତ ଅଧିକାରୀଙ୍କର ରହିଛି I

ଉର୍ମିଳା ମହାପାତ୍ର
୨୫.୦୩.୨୦୨୫
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ସିନାପାଲି

ପରିପତ୍ର ସଂଖ୍ୟା:- ୪୫୩ / ତା:- ୨୫.୦୩.୨୦୨୫ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସିନାପାଲି

ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଏହାର ଏକକିତା ନକଲଉକ୍ତ କାର୍ଯ୍ୟାଳୟ ନୋଟିସ ବୋର୍ଡ /ପଞ୍ଚାୟତ ସମିତି, ସିନାପାଲି କାର୍ଯ୍ୟାଳୟ ନୋଟିସ ବୋର୍ଡ /ସମ୍ପୃକ୍ତ ପଞ୍ଚାୟତ ଅଫିସ /ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ରରେ ଜାରି କରାଗଲା I ବରପଦର ଅଙ୍ଗନୱାଡି କେନ୍ଦ୍ର ଅଞ୍ଚଳର ୪-୫ ଗୋଟି ଜନଗହଳି ସ୍ଥାନରେ ଲଟକାଇ ଜାରୀ କରାଇବା ସହିତ ଏହାର ବହୁଳ ପ୍ରଚାର କରାଇ ସମ୍ପୃକ୍ତ ଅଞ୍ଚଳର ଅଧିବାସୀମାନଙ୍କ ଠାରୁ ଦସ୍ତଖତ ଆଣିବା ନିମନ୍ତେ ଏହାର ନକଲ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ଦାୟିତ୍ୱ ରେ ଥିବା ଅଙ୍ଗନୱାଡିକର୍ମୀ/ସାହାଯ୍ୟ କାରିଣୀ /ସୁପରଭାଇଜର ହାତିବନ୍ଧାଙ୍କ ନିକଟକୁ ପ୍ରେରଣ କରାଯାଇ ନିର୍ଦ୍ଦେଶ ଦିଆଗଲା I

ଉର୍ମିଳା ମହାପାତ୍ର
୨୫.୦୩.୨୦୨୫
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ସିନାପାଲି
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ସିନାପାଲି

ପରିପତ୍ର ସଂଖ୍ୟା:- ୪୫୪ / ତା:- ୨୫.୦୩.୨୦୨୬

ଏହାର ଏକକିତା ନକଲ B.D.O., Sinapali/ B.E.O., Sinapali/ B.S.S.O., Sinapali, M.O. CHC, Sinapali ଙ୍କ ଅବଗତି ଓ ବହୁଳ ପ୍ରସାର ନିମନ୍ତେ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ବିଜ୍ଞାପିତ କରିବା ପାଇଁ ପ୍ରେରଣ କରାଗଲା I

ଊର୍ମିଳା ମହାପାତ୍ର
୨୫.୦୩.୨୦୨୬
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ସିନାପାଲି
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ସିନାପାଲି

ପରିପତ୍ର ସଂଖ୍ୟା:-୪୫୫ /ତା:- ୨୫.୦୩.୨୦୨୬

ଏହାର ନକଲ ଉପ-ଜିଲ୍ଲାପାଳ, ନୂଆପଡା/ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ନୂଆପଡା ଙ୍କ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଊର୍ମିଳା ମହାପାତ୍ର
୨୫.୦୩.୨୬
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ସିନାପାଲି
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ସିନାପାଲି

## ବିଶେଷ ସୂଚନା:

୧. ଅନଲାଇନ୍ ମାଧ୍ୟମରେ ଆବେଦନ କରିବାର ନିର୍ଦ୍ଧାରିତ ସମୟ ତା: **୩୧.୦୩.୨୦୨୬** ରିଖ ଠାରୁ ତା: **୧୪.୦୪.୨୦୨୬** ରିଖ ପର୍ଯ୍ୟନ୍ତ । ଅଫଲାଇନ୍ ଆବେଦନ ଗ୍ରହଣ କରାଯିବ ନାହିଁ ।

୨. ଡକୁମେଣ୍ଟ ଯାଞ୍ଚ କରାଯିବା ସ୍ଥାନ ସିନାପାଲି ସି.ଡି.ପି.ଓ. ଙ୍କ କାର୍ଯ୍ୟାଳୟ ତା: **୧୫.୦୪.୨୦୨୬**ରିଖ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ I

୩. ଆବେଦନକାରୀ ଦିଆଯାଇଥିବା WCD ପୋର୍ଟାଲକୁ ଯାଇ Public Signup କରି ନିଜର User ID ଓ Password ତିଆରି କରି Public Login ମାଧ୍ୟମରେ Login କରି Dashboard AWW engagement ଯାଇ ନିର୍ଦ୍ଧାରିତ ସମୟ ମଧ୍ୟରେ ଆବେଦନକରିବେ I

୪. ଆବେଦନ କରିବା ସମୟରେ Applicant details/ ଆବେଦନକାରିଣୀଙ୍କ ବିବରଣୀ ସମ୍ବନ୍ଧରେ ଥିବା ସମସ୍ତ ସୂଚନାର ଉତ୍ତର ସଠିକ ଭାବରେ ପୂରଣକ ରିବେ । Educational details ରେ (+2 **Certificate, +2 mark sheet, 10th Certificate ,10thMark Sheet** compulsory upload କରିବେ । ଯଦିକିଛି Higher Qualification ଥାଏ, ତେବେ ତାର Certificate ଓ Mark sheet ମଧ୍ୟ upload କରିବେ ।

୫. Attachments ରେଯାଇ documents upload କରିବା ସମୟରେ Residence proof ଜାଗାରେ Resident Certificateupload କରନ୍ତୁ I Proof of DOB ଜାଗାରେ Matric Certificate upload କରନ୍ତୁ I Caste certificate ଜାଗାରେ ଯଦି ଆପଣକୌଣସି ଜାତିକୁ ଅନ୍ତର୍ଭୁକ୍ତ କରୁଛନ୍ତି ତେବେ Caste certificate upload କରନ୍ତୁ I ଏହିପରି Attachments upload କରିସାରିବା ପରେ Saveas Draft କରି ଭଲ ଭାବେ ଦେଖି submit କରନ୍ତୁ I

୬. ପ୍ରାର୍ଥିନୀମାନେ ମଧ୍ୟ website https://engagement-awc.odisha.gov.in ପୋର୍ଟାଲରେ ହୋମ୍ ପେଜରେ How to apply for AWW Vacancies tab କୁ ଯାଇ ଦରଖାସ୍ତ କରିବାର ସମସ୍ତ ପ୍ରକ୍ରିୟା ଜାଣିପାରିବେ I

୭. ଅନଲାଇନ୍ ଦରଖାସ୍ତ ଦାଖଲ ସମ୍ବନ୍ଧରେ ସ୍ପଷ୍ଟୀକରଣ ନିମନ୍ତେ ପ୍ରାର୍ଥିନିମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହିତ କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରିପାରିବେ ।

ଊର୍ମିଳା ମହାପାତ୍ର
୨୫.୦୩.୨୦୨୬
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ସିନାପାଲି
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ସିନାପାଲି